# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 14 June – 2026

*********************************

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କ ପାଖରେ ଗତ ୧୨ ବର୍ଷ ମଧ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସହଜ ଏବଂ ସୁଲଭ ମୂଲ୍ୟରେ ପହଞ୍ଚାଯାଇପାରିଛି : କହିଲେ ପ୍ରଧାନମନ୍ତ୍ରୀ ।
- ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଲେ କେନ୍ଦ୍ର ଆୟୁଷ ମନ୍ତ୍ରୀ ।
- ଆଜିଠାରୁ ଆରମ୍ଭ ହୋଇଛି ତିନିଦିନିଆ କୃଷିଭିତ୍ତିକ ଗଣପର୍ବ ରଜ : ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

ଏବଂ

- ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ-୨୦୨୬ ଚିଠା ନିୟମାବଳୀ ଘୋଷିତ ।

  - ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କଲା ସରକାର ।

Desk

# ପିଏମ୍-ହେଲ୍ଥ ୧୨ ଇୟର୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ୧୨ ବର୍ଷ ଧରି ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ସହଜ ଏବଂ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଇ ପାରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ଏହି ସର୍ବବୃହତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆୟୁଷ୍ମାନ୍ ଭାରତ ମାଧ୍ୟମରେ ସମାଜର ଦୁର୍ବଳ ଶ୍ରେଣୀଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚିବା ଅତ୍ୟନ୍ତ ଗର୍ବର ବିଷୟ । ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଜନୌଷଧୀ ପରିଯୋଜନା ପଦକ୍ଷେପ ଔଷଧର ମୂଲ୍ୟକୁ ସୁଲଭ କରିଛି । ଡାକ୍ତରୀ ଶିକ୍ଷା, ପ୍ରତିଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଆସନ ଉପଲବ୍ଧତା ହେବା ଯୋଗୁଁ ଚିକିତ୍ସା ଶିକ୍ଷା ମଧ୍ୟ ଅଧିକ ସୁଲଭ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୁସ୍ଥ ଭାରତ ଗଠନ ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତପ୍ରକାଶ ନଡ୍ଡା କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ସୁସ୍ଥ ନାଗରିକ ସମୃଦ୍ଧ ଦେଶ ଗଠନରେ ସହାୟକ ହୋଇପାରିବ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ

ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଦେଶର ତୃଣମୂଳ ସ୍ତରରେ ଗୁଣାତ୍ମକ ସେବା ପହଞ୍ଚାଇବାରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି ।

Desk

# ଅନ୍‌ଲାଇନ୍ ଯୋଗ ଅଧିବେଶନ

ଆନ୍ତର୍ଜାତିକ ଯୋଗଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ଏକ ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୁଷ ମନ୍ତ୍ରଣାଳୟ, ମୋରାରଜି ଦେଶାଇ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଯୋଗ ଏବଂ ହାବିଲ୍ଡ ସହଯୋଗରେ ଆୟୋଜିତ ଏହି ଅନ୍‌ଲାଇନ୍ ଅଧିବେଶନରେ ୧୩୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଆୟୁଶ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଯୋଗାଭ୍ୟାସ ଏବେ ଏକ ବିଶ୍ୱସ୍ତରୀୟ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଜାତିସଂଘ ଦ୍ୱାରା ଆନ୍ତର୍ଜାତିକ ଯୋଗଦିବସକୁ ମାନ୍ୟତା ପ୍ରଦାନ ଭାରତ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ଯାଦବ କହିଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଯୋଗର ବର୍ଦ୍ଧିତ ଗ୍ରହଣୀୟତାକୁ ପ୍ରତିଫଳନ କରୁଛି । ଦୈନନ୍ଦିନ ଜୀବନରେ ଯୋଗକୁ ଏକ ଅଂଶଭାବେ ଗ୍ରହଣ କରିବାକୁ ଶ୍ରୀ ଯାଦବ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିବାକୁ ମନ୍ତ୍ରୀ

ଶ୍ରୀ ଯାଦବ ଅନୁରୋଧ କରିବା ସହ ହର୍ ଘର ଯୋଗ, ହର୍ ଦିନ୍ ଯୋଗର ସଂକଳ୍ପକୁ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି।

Puri

## ଯୋଗ କାର୍ଯ୍ୟକ୍ରମ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଯୋଗ ଶିବିରରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବିଶାଖାପାଟଣାର ଓମ୍ ଯୋଗ ସେଣ୍ଟର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଗନେଇ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ପେଟ୍ରୋଲ ଓ ଡିଜେଲର ପ୍ରଦୂଷଣରୁ ମୁକ୍ତି ନିମନ୍ତେ ସୌରଶକ୍ତି ବା ବ୍ୟାଟେରୀଚାଳିତ ଗାଡ଼ି ଚଳାଇବାକୁ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି।

Desk

## ଘରମାଲିକ ଓ ଭଡ଼ାଟିଆ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ ୨୦୨୬ର ଚିଠା ନିୟମାବଳୀ ପ୍ରକାଶ ପାଇଛି। ଘରମାଲିକ ଏବଂ ଘରେ ଭଡ଼ା ରହୁଥିବା ଲୋକଙ୍କ ମଧ୍ୟରେ ଦୀର୍ଘଦିନ ଧରି ରହୁଥିବା ସମସ୍ୟାର ସମାଧାନ ଦିଗରେ ଏହି ଅଧିନିୟମ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଘରଭଡ଼ା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସରକାର ଲିଖିତ ଘରଭଡ଼ା ଚୁକ୍ତିକୁ ଚିଠା ନିୟମାବଳୀରେ

ବାଧ୍ୟତାମୂଳକ କରିଛନ୍ତି। ନିର୍ଦ୍ଦିଷ୍ଟ ନିୟମ ଆଧାରିତ ଭଡ଼ାବୃଦ୍ଧି ପାଇଁ ନିୟମାବଳୀରେ ଉଲ୍ଲେଖ କରାଯାଇଛି।

ଏହି ଚିଠା ନିୟମାବଳୀ ସମ୍ପର୍କରେ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଯାଇଛି। ଏଥିପାଇଁ ୧୫ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି। ମତାମତ ଇ-ମେଲ ମାଧ୍ୟମରେ ନଗର ଉନ୍ନୟନ ବିଭାଗକୁ ପଠାଯାଇପାରିବ। ନିୟମାବଳୀ ଅନୁଯାୟୀ ଘରଭଡ଼ା ସମ୍ପର୍କିତ ବିଭିନ୍ନ ବିବାଦର ସମାଧାନ ପାଇଁ ଟ୍ରାଇବୁନାଲ ଓ ରେଣ୍ଟ କୋର୍ଟ ଗଠନ ପ୍ରସ୍ତାବ ରହିଛି। ଆଗାମୀ ଦିନରେ ସମସ୍ତ ସହରାଞ୍ଚଳରେ ରେଣ୍ଟାଲ ହାଉସ ନିର୍ମାଣ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

**- V/O –**

Desk

# ରଜ ପର୍ବ

ରାଜ୍ୟର କୃଷିଭିତ୍ତିକ ତିନିଦିନିଆ ଗଣପର୍ବ ରଜ ଆଜିଠାରୁ ଆରମ୍ଭ ହୋଇଛି। ଆଜି ପହିଲି ରଜ, ଆସନ୍ତାକାଲି ରଜସଂକ୍ରାନ୍ତି ଏବଂ ତା' ପରଦିନ ଭୂମିଦହନ ପାଳନ କରାଯିବ। ଶୁଖିଲା ଭୂଇଁରେ ବର୍ଷାପାଣି ପଡ଼ିବା ପରେ ମାଟିର ପ୍ରଜନନ ଶକ୍ତି ବଢ଼ିଥାଏ। ସେଥିପାଇଁ ଏହି ତିନିଦିନ ଜମିରେ ଚାଷ କରାଯାଇନଥାଏ। ପରମ୍ପରା ଅନୁସାରେ ତିନିଦିନ ବିଶ୍ରାମ ଏବଂ ମନୋରଞ୍ଜନର ସମୟ ହୋଇଥିବାରୁ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ରଜ ପର୍ବ ପାଳନ କରାଯାଇଥାଏ। ରଜରେ କୁମାରୀ ଝିଅମାନେ ନୂତନ

ବସ୍ତ୍ର ପରିଧାନ କରି ହାତରେ ମେହେନ୍ଦୀ, ପାଦରେ ଅଳତା ଲଗାଇବା ସହ ଦୋଳି ଖେଳିବାର ପରମ୍ପରା ରହିଛି। ରଜଦୋଳି ଗୀତରେ ପରିବେଶ ମୁଖରିତ ହୋଇଛି। ପିଠାପଣା ସହ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସୁସ୍ୱାଦୁ ପାନ ଏବଂ ବ୍ୟଞ୍ଜନର ନିଆରା ପରମ୍ପରା ଦେଖିବାକୁ ମିଳୁଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣପର୍ବ ରଜ ଉପଲକ୍ଷେ ଦେଶବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ପାରମ୍ପରିକ ଦୋଳିଖେଳ, ପିଠା, ପାନ ଆଦିର ମହତ୍ତ୍ୱ ସମ୍ପର୍କରେ କହିବା ସହ ମାଟି, ମା' ଓ ମେଘ ସମ୍ମାନାର୍ଥେ ଏହା ପାଳନ କରାଯାଉଥିବା ଉଲ୍ଲେଖ କରିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରଜପର୍ବ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୃଷିଭିତ୍ତିକ ଏହି ଗଣପର୍ବ ରାଜ୍ୟର ସଂସ୍କୃତି, ପ୍ରକୃତି, ପ୍ରଗତି ଓ ପରମ୍ପରାର ପରିଚାୟକ ବୋଲି ରାଜ୍ୟପାଳ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଜ ପର୍ବ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଏହି ପର୍ବ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢ଼ି ପରେ ପିଢ଼ି ସମୃଦ୍ଧ କରି ଆସିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଖୁସିବ୍ୟକ୍ତ କରି କହିଛନ୍ତି ଏହି ମହାନ ଓଡ଼ିଆ ସାଂସ୍କୃତିକ ପର୍ବ ପରମ୍ପରାକୁ ବଜାୟ ରଖିବା ସହ ସମସ୍ତଙ୍କ ମନରେ ଆଶା ଆଉ ଆନନ୍ଦ ଆଣିଦିଏ।

Bhadrak

# ଭଦ୍ରକରେ ରଜପର୍ବ

ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ରଜ ଉତ୍ସବ ଆନନ୍ଦ ଉଲ୍ଲାସ ଓ ଧୁମ୍‌ଧାମ୍‌ର ସହ ପାଳନ କରାଯାଉଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପିଠାପଣା, ରଜପାନ ଏବଂ ରଜଦୋଳି ଭଦ୍ରକର ମୁଖ୍ୟ ଆକର୍ଷଣ ପାଲଟିଛି। କିଶୋରୀମାନେ ସୁସଜ୍ଜିତ ହୋଇ ଗାଁ ପରିକ୍ରମା କରୁଥିବାବେଳେ ସମସ୍ତେ ଏହି ପର୍ବରେ ସାମିଲ ହୋଇଛନ୍ତି।

Desk

# ବିଶ୍ୱ ରକ୍ତଦାତା ଦିବସ

ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ କରଯାଉଛି। ବ୍ଲଡ୍ ଗ୍ରୁପ୍‌ର ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟିନ୍’ଙ୍କ ଜନ୍ମଦିବସକୁ ସ୍ମରଣ କରିବା ପାଇଁ  ପ୍ରତ୍ୟେକ ବର୍ଷ ଆଜିର ଦିନକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ମାନବିକତାର ଏକବୁନ୍ଦା, ରକ୍ତ ଦିଅନ୍ତୁ, ଜୀବନ ବଞ୍ଚାନ୍ତୁ’। ଜରୁରୀ ସମୟରେ ଅସ୍ତ୍ରୋପଚାର, କର୍କଟ ଚିକିତ୍ସା, ଆକସ୍ମିକ ଦୁର୍ଘଟଣା ଏବଂ ଦୀର୍ଘଦିନର ଦୂରାରୋଗ୍ୟ ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରକ୍ତଦାତାମାନଙ୍କୁ ଏହି

ମହତ୍ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଛି। ଏହି କାର୍ଯ୍ୟଦ୍ୱାରା ଏକତା, ଅଖଣ୍ଡତା, ମାନବିକତା ଏବଂ ଅନୁକମ୍ପା ସୃଷ୍ଟି ହୋଇଥାଏ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ଅବସରରେ ତାଙ୍କ ବାର୍ତ୍ତାରେ ଯୁବକମାନଙ୍କୁ ନିୟମିତ ଓ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଏବଂ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ଏହି ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରକ୍ତଦାତାମାନଙ୍କ ମହତ କାର୍ଯ୍ୟ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏ ଦିଗରେ ସମସ୍ତେ ଆଗେଇ ଆସିବାର ସଂକଳ୍ପ ନେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

Bargarh

# ସୋମନାଥ ସ୍ୱାଭିମାନ

ସୋମନାଥ ସ୍ୱାଭିମାନ ଯାତ୍ରାରେ ଯୋଗଦେବା ପାଇଁ ବରଗଡ଼ ଜିଲ୍ଲାର ୫୭ ଜଣ ତୀର୍ଥଯାତ୍ରୀ ଯାତ୍ରା ଆରମ୍ଭ କରିଛନ୍ତି। ସମସ୍ତ ତୀର୍ଥଯାତ୍ରୀମାନେ ପ୍ରଥମେ ଭୁବନେଶ୍ୱରରେ ପହଁଞ୍ଚିବା ପରେ ଆସନ୍ତାକାଲିଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜୁରାଟ ଅଭିମୁଖେ ଯାତ୍ରା କରିବେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ପତାକା ଦେଖାଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଛି।

Nabarangpur

# ବିଜେପି ବୈଠକ

କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ସମସ୍ତ ଜିଲ୍ଲା ପଦାଧିକାରୀ, ମୋର୍ଚ୍ଚା ସଭାପତି ଓ ମଣ୍ଡଳ ପ୍ରଭାରୀମାନଙ୍କ ବୈଠକ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଛି।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ରାଜ୍ୟର ଉପକୂଳ ଅଞ୍ଚଳରେ ପ୍ରବେଶ କରିଛି। ଆଗାମୀ ଦୁଇଦିନ ମଧ୍ୟରେ ମୌସୁମୀ ବାୟୁ ରାଜ୍ୟର ଅନ୍ୟ ଭାଗକୁ ସ୍ପର୍ଶ କରିବ। ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି।